ପିଲାମାନଙ୍କ ପାଇଁ ବାଇବଲ

ଉପହାର



# ଗିଦିୟୋନ୍‌ଙ୍କର ଛୋଟ ସୈନ୍ୟଦଳ

ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest; Alastair Paterson

ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2021 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ଯିହୋଶୂୟଙ୍କ ମୃତ୍ୟୁ
ପରେ, ଇସ୍ରାଏଲ୍ ସନ୍ତାନଗଣ
ଈଶ୍ୱରଙ୍କୁ ନିଜ ଜୀବନରୁ ବାହାର
କରିଦେଇ ସଦାପ୍ରଭୁଙ୍କ ଅବାଧ୍ୟ
ହେଲେ । ସଦାପ୍ରଭୁଙ୍କ ସେମାନଙ୍କୁ
ମିଦିୟନିୟମାନଙ୍କ ହାତରେ ସମର୍ପଣ
କଲେ, ସେମାନେ ଇସ୍ରାଏଲ୍
ଲୋକମାନଙ୍କର ଗୃହ
ଓ ଫସଲ ପୋଡ଼ି ପକାଇଲେ ।
ତେଣୁ ଇସ୍ରାଏଲ୍ ଲୋକମାନଙ୍କୁ ଗମ୍ଫାରେ
ବାସ କରିବାକୁ ପଡ଼ିଲା ।


ଏକ ଇସ୍ରାଏଲିୟ, ଗିଦିୟୋନ୍, ନିଶ୍ଚିତ
ଭାବରେ ଏକ ଗୁପ୍ତସ୍ଥାନ ଥିଲା ଯେଉଁଠାରେ ସେ
ଗହମ ଚ଼ାଷ କରିଥିଲେ । ସେ ସେହି ଗହମକୁ
ଲୁଚ଼ାଇବା ପାଇଁ ଏକ ବୃହତ୍ ଗଛ ମୂଳରେଥିବା
ଗୁପ୍ତ ଦ୍ରାକ୍ଷାରସ କୁଣ୍ଡ ଭିତରେ
ତାହା ମଳୁଥିଲା ।


ମିଦିୟନିୟ ଲୋକମାନେ ସେହି ବିଷୟରେ
ଅଜ୍ଞ ଥିଲେ କିନ୍ତୁ ସଦାପ୍ରଭୁ ତାହା ଜାଣିଥିଲେ ।
ସଦାପ୍ରଭୁ ନିଜର ଦୂତଙ୍କୁ ଏକ ସମ୍ବାଦ ସହିତ
ଗିଦିୟୋନ୍‌ଙ୍କ ନିକଟକୁ
ପ୍ରେରଣ କଲେ ।




ସଦାପ୍ରଭୁ ଚାହୁଁଥିଲେ ଯେ ଗିଦିୟୋନ୍ ନିଜେ ନିଜ ପିତାଙ୍କର ବାଲଦେବତାର ଯଜ୍ଞବେଦି ଭାଙ୍ଗି ପକାଇବେ ଓ ସତ୍ୟ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ଯଜ୍ଞବେଦି ନିର୍ମାଣ କରିବେ । ମାତ୍ର ଗିଦିୟୋନ୍ ଆପଣା ପିତୃପରିବାର ଓ ନଗରବାସିଙ୍କୁ ଭୟକଲେ କିନ୍ତୁ ସେ ସଦାପ୍ରଭୁଙ୍କ ଆଜ୍ଞାନୁସାରେ କଲେ ।



ସଦାପ୍ରଭୁ ଚ଼ହୁଁଥିଲେ ଯେ ଗିଦିୟୋନ୍ ଦୁଷ୍ଟ ମିଦିୟୋନମାନଙ୍କ ବିରୁଦ୍ଧରେ ଇସ୍ରାଏଲ୍ ସୈନ୍ୟଦଳର ନେତୃତ୍ୱ ନେବେ । କିନ୍ତୁ ଗିଦିୟୋନ୍ ଭୟ କରୁଥିଲେ । ସେ କହିଲେ ଯଦି ସଦାପ୍ରଭୁ  ତାଙ୍କ ସହିତରେ ଅଟନ୍ତି ତାହାର  ପ୍ରମାଣେ ଏକ ଚିହ୍ନ ମାଗଲେ । ତାପରେ ସେ ଭୂମିରେ ଗଦାଏ ମେଷଲୋମ ରଖିଲେ ।






ଯଦି କେବଳ ସେହି
ଲୋମଗଦା ଉପରେ କାକର ପଡ଼େ ଓ ସମସ୍ତ ଭୂମି
ଶୁଷ୍କ ରହେ, ଗିଦିୟୋନ୍ ବିନତି କଲେ, ତେବେ ତୁମ୍ଭ ବାକ୍ୟାନୁଷାରେ
ମୋ ହସ୍ତଦ୍ୱାରା ଇସ୍ରାଏଲକୁ ଉଦ୍ଧାର କରିବ ବୋଲି ମୁଁ ଜାଣିବି । ପ୍ରଭାତରେ ସମସ୍ତ
ଭୂମି ଶୁଷ୍କ ଥିଲା କିନ୍ତୁ ସେହି ଲୋମ ସୁର୍ଣ୍ଣ ଭାବରେ କାକରରେ ଭିଜି ଯାଇଥିଲା ।




ପୁଣିମଧ୍ୟ ଗିଦିୟୋନ୍ ସଂଦେହ କଲେ । ବର୍ତ୍ତମାନ୍ ସେ ଚାହାନ୍ତି ଯେ ସଦାପ୍ରଭୁ କେବଳ ସମସ୍ତ ଭୂମିରେ କାକର ପଡ଼ୁ ମାତ୍ର ଲୋମ ଉପରେ ଶୁଷ୍କତା ହେଉ । ପ୍ରଭାତ ସମୟରେ ସେପରି ହେଲା କେବଳ ଲୋମ ଉପରେ ଶୁଷ୍କତା ହେଲା ଓ ଭୂମିରେ କାକର ପଡ଼ିଲା ।

ଗିଦିୟୋନ୍ ଇସ୍ରାଏଲର ବତିଶ ହଜାର ସୈନ୍ୟଦଳ ସହିତ ବାହାରିଲେ । କିନ୍ତୁ ସଦାପ୍ରଭୁ ସେମାନଙ୍କର ସଂଖ୍ୟା ମାତ୍ର ତିନିଶହରେ ରଖିଲେ । ସଦାପ୍ରଭୁ ଚାହୁଁନଥିଲେ ଯେ ସେମାନେ କୁହନ୍ତୁ, ଆମ୍ଭ ନିଜ ହସ୍ତ ଆମ୍ଭକୁ ରକ୍ଷା କରିଅଛି । କେବଳ ସଦାପ୍ରଭୁ ଇସ୍ରାଏଲର ରକ୍ଷକ ଅଟନ୍ତି ।




ଏବେମଧ୍ୟ ଗିଦିୟୋନ୍ ଭୟଭିତ ଏହାଜାଣି, ସଦାପ୍ରଭୁ ଗିଦିୟୋନ୍‌ଙ୍କୁ ତମ୍ବୁ ନିକଟକୁ ନେଇଗେଲ ଯେଉଁଠାରେ ସେ ଏକ ମିଦିୟୋନିୟ ଅନ୍ୟ ଏକ ମିଦିୟୋନିୟକୁ ନିଜର ସ୍ୱପ୍ନ କଥା କହିବାର ଶୁଣିଲେ । ଏକ ଯବରୋଟୀ ମିଦିୟନୀୟ ଛାଉଣି ଆଡ଼କୁ ଗଡ଼ି ଆସି ଆଘାତ କରନ୍ତେ ତାହା ପଡ଼ିଗଲା ।




ଅନ୍ୟ ଏକ ସୈନ୍ୟଟି ଭୟରେ କିଉଠିଲା । ଏହା ଗିଦିୟୋନର ଖଡ୍ଗ ଅଟେ ସେ କହିଲେ । ଯେତେବେଳେ ଗିଦିୟୋନ୍ ସେହି ସ୍ୱପ୍ନ କଥା ଓ ତାହାର ଅର୍ଥ ଶୁଣିଲେ, ସେ ଜଣିଲେ ଯେ ସଦାପ୍ରଭୁ ସେମାନଙ୍କୁ ବିଜୟୀ କରିବେ ।




ଗିଦିୟୋନ୍  ରାତ୍ର ସମୟରେ ଆକ୍ରମଣ କରିବାକୁ ସ୍ଥିର କଲେ । ସେ ପ୍ରତ୍ୟେକ ସୈନ୍ୟକୁ ଏକ ତୂରୀ ଓ ଶୂନ୍ୟ କଳଶ ଓ କଳଶ ମଧ୍ୟରେ ଦିହୁଡ଼ି ଦେଲେ । ସେମାନେ ମିଦିୟୋନ ସୈନ୍ୟମାନଙ୍କ ଛାଉଣିକୁ ଘେରିଲେ ।



ଗିଦିୟୋନ୍‌ଙ୍କ ଇଙ୍ଗିତରେ, ସୈନ୍ୟମାନେ ସେମାନଙ୍କର ତୂରୀ ବଜାଇଲେ, ଓ ସେମାନଙ୍କ ହସ୍ତର କଳଶ ଭାଙ୍ଗି ପକାଇଲେ ଏବଂ ଦିହୁଡ଼ି ଜଳାଇଲେ । କି ଶବ୍ଦ! କି ଭ୍ରାନ୍ତି! ଭୟଭିତ ମିଦିୟୋନ୍ ସୈନ୍ୟମାନେ ନିଦ୍ରାରୁ ଉଠି ପଳାୟନ କଲେ ।



ଏହି ମହା ବିଜୟ ପରେ, ଇସ୍ରାଏଲିୟ ଲୋକମାନେ ଗିଦିୟୋନ୍‌ଙ୍କୁ କହିଲେ, ତୁମ୍ଭେ ଆମ୍ଭମାନଙ୍କର କର୍ତ୍ତୃତ୍ୱ କର । ମୁଁ ତୁମ୍ଭମାନଙ୍କ ଉପରେ କର୍ତ୍ତୃତ୍ୱ କରିବି ନାହିଁ । ସଦାପ୍ରଭୁ ତୁମ୍ଭମାନଙ୍କ ଉପରେ କର୍ତ୍ତୃତ୍ୱ କରିବେ, ଗିଦିୟୋନ୍ କହିଲେ । ସେ ଜାଣିଥିଲେ ଯେ କେବଳ ସଦାପ୍ରଭୁଙ୍କ ଲୋକମାନଙ୍କ ଜୀବନରେ କର୍ତ୍ତୃତ୍ୱ କରିବା ଅଧିକାର ଅଛି ।



# ଗିଦିୟୋନ୍ଙ୍କର ଛୋଟ ସୈନ୍ୟଦଳ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ବିଚାରକର୍ତ୍ତା ୬-୮

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚ଼ାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚ଼ିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଈଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଈଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚ଼ିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଈଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬